# କବି ଏବଂ ଅନୁବାଦକଙ୍କୁ ନେଇ ୱେବିନାର

ନୟାଗଡ଼,୨୨।୧୧(ଆ.ପ୍ର.): କେନ୍ଦ୍ର ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ର ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ କବି ଏବଂ ଅନୁବାଦକ ସମ୍ପର୍କିତ ଏକ ରାଷ୍ଟ୍ରସ୍ତରୀୟ ୱେବିନାର ଆଜି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦେବଭାଷା ସଂସ୍କୃତରେ କାବ୍ୟପାଠ ସହିତ ହିନ୍ଦୀ ଭାଷାରେ କାବ୍ୟର ଅନୁବାଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ସର୍ବଭାରତୀୟ ସ୍ତରରେ ଦୁଇଜଣ ସଂସ୍କୃତ ବିଦ୍ୱାନ ମନୋନୀତ ହୋଇଥିଲେ। ତନ୍ମଧ୍ୟରେ କବିତା ପାଠ କରିଥିଲେ ଆନ୍ଧ୍ରପ୍ରଦେଶର ପ୍ରତିଷ୍ଠିତ ବିଦ୍ୱାନ ପ୍ରଫେସର ରାଣୀ ସଦାଶିବ ମୂର୍ତ୍ତି। ସେହିପରି କାବ୍ୟଗୁଡ଼ିକର ହିନ୍ଦୀ ଅନୁବାଦ କରିଥିଲେ ଭାପୁର ବ୍ଲକ କେନ୍ଦୁପଲ୍ଲି ଗ୍ରାମର ବାସିନ୍ଦା ତଥା ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ଡ଼ଃ.ଭାରତ ଭୂଷଣ ରଥ।